Prepp
Your Personal Exams Guide

## PART-IV
## LANGUAGE-I
## ODIA

| |
|---|
| ପରୀକ୍ଷାର୍ଥୀ **ଭାଷା-I** ଭାବରେ **ଓଡ଼ିଆ ଭାଷା** ବାଛିଥିଲେ **ଭାଗ-IV** ରେ **(ପ୍ରଶ୍ନ ସଂଖ୍ୟା 91 - 120)** ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟାକରିବା ଉଚିତ୍ । |

ନିମ୍ନଲିଖିତ ଅନୁଚ୍ଛେଦ ପାଠକରି ପଶ୍ନସଂଖ୍ୟା **91-99** ର ଉତ୍ତର ଦିଅ ।

ପ୍ରକୃତ ସୌନ୍ଦର୍ଯ୍ୟ ଓ ପ୍ରେମ କ'ଣ ? ବର୍ତ୍ତମାନ ବୋଧହୁଏ ସ୍ପଷ୍ଟ ବୁଝାଯିବ; ଯାହା ପ୍ରକୃତ ସୁନ୍ଦର ତାହା ସମସ୍ତଙ୍କର ଚକ୍ଷୁରେ ସୁନ୍ଦର ବୋଧହେବ । ଏହି ବାରାଙ୍ଗନାର ସୌନ୍ଦର୍ଯ୍ୟ କାହାରିକୁ ବଞ୍ଚିତ କରିନାହିଁ । ଯାହା ହୃଦୟରେ ଯେପରି ଭାବ, ଯେପରି ରୁଚି, ଯେପରି ଶିକ୍ଷା ସେ ସେହି ଭାବରେ ବାରାଙ୍ଗନାକୁ ଦେଖିଲେ - ତାହାର ସୌନ୍ଦର୍ଯ୍ୟ ଉପଲବ୍ଧ କଲେ ।

ଯେଉଁମାନେ ରୂପରେ ମଜିଯାଇ ସୌନ୍ଦର୍ଯ୍ୟର କଳ୍ପନା କରନ୍ତି, ସେମାନେ ପ୍ରକୃତ ସୌନ୍ଦର୍ଯ୍ୟ ଦେଖିପାରନ୍ତି ନାହିଁ । ପ୍ରେମର ପୂଜା ନକଲେ ପ୍ରକୃତ ସୌନ୍ଦର୍ଯ୍ୟ ଦେଖାଦିଏ ନାହିଁ । ମନର କାଳିମା ଧୌତ ନ କଲେ ଜ୍ଞାନ ପ୍ରସ୍ଫୁଟିତ ହେବ ନାହିଁ । ସତ୍ୟ, ନ୍ୟାୟ ଓ ଧର୍ମର ମହିମା ହୃଦୟରେ ଉପଲବ୍ଧ ନ କଲେ ପ୍ରକୃତ ସୌନ୍ଦର୍ଯ୍ୟ ବହୁଦୂରରେ ଅବସ୍ଥାନ କରିଥାଏ । ସୌନ୍ଦର୍ଯ୍ୟର ପୂର୍ଣ୍ଣ ବିକାଶ ପ୍ରେମରେ ଏବଂ ପ୍ରେମର ପୂର୍ଣ୍ଣ ସ୍ଫୂର୍ତ୍ତି ସେହି ସୌନ୍ଦର୍ଯ୍ୟବୋଧରେ । ସତ୍ୟ ଅପେକ୍ଷା ସୌନ୍ଦର୍ଯ୍ୟମୟ ଏବଂ ପ୍ରେମମୟ ବସ୍ତୁ ଆଉ କିଛିହିଁ ନାହିଁ; ସୁତରାଂ ସତ୍ୟ ହିଁ ସୌନ୍ଦର୍ଯ୍ୟ ଓ ସତ୍ୟର ଧାରଣା ହିଁ ପ୍ରେମ । ଧର୍ମ ଅପେକ୍ଷା ସତ୍ୟ ଆଉ କିଛି ନାହିଁ, ସୁତରାଂ ଧର୍ମ ହିଁ ସୌନ୍ଦର୍ଯ୍ୟ ଓ ଧର୍ମର ଧାରଣା ହିଁ ପ୍ରେମ ।

ରୂପଜ ମୋହ ମନୁଷ୍ୟକୁ ଆଦର୍ଶପଥକୁ ନେବା ଦୁରୂହ । ତାହାକୁ ଅଧଃପାତ ଆଡ଼କୁ ଆକର୍ଷଣ କରି ଭସ୍ମୀଭୂତ କରିପକାଏ । ସାଧ୍ୱୀ ସତୀ ସୁନ୍ଦରୀ ରମଣୀକୁ ଯେବେ କୌଣସି ଦୁର୍ବୃତ୍ତ ଆକ୍ରମଣ କରିବାକୁ ଅଗ୍ରସର ହୁଏ, ତେବେ ସେହି ସତୀର ଦୀର୍ଘଶ୍ୱାସରେ ଏବଂ ସୌନ୍ଦର୍ଯ୍ୟ ଓ ପ୍ରେମର ଅପୂର୍ବ ମହିମାରେ ଅତିଶୀଘ୍ର ସେ ଆକ୍ରମଣକାରୀ ପଶୁକୁ ଚିରକାଳ ପାଇଁ ଇହଲୋକରୁ ଅପସୃତ ହେବାକୁ ହୋଇଥାଏ । ଇତିହାସ ସ୍ୱର୍ଣ୍ଣାକ୍ଷରରେ ଉଜ୍ଜ୍ୱଳରୂପେ ଏହାର ସାକ୍ଷ୍ୟ ଦେଉଅଛି ।

**91.** ସତ୍ୟ ଅପେକ୍ଷା କେଉଁ ବସ୍ତୁ ଜଗତରେ ନାହିଁ ବୋଲି ଲେଖକ ଅନୁଭବ କରିଛନ୍ତି ?

(1) ଭାବମୟ (2) ନିରାମୟ (3) ଅପରାଜେୟ (4) ପ୍ରେମମୟ

**92.** ଭାବ, ରୁଚି ଓ ଶିକ୍ଷା ଅନୁସାରେ ବାରାଙ୍ଗନାକୁ ଦେଖିଲେ ଯେକୌଣସି ଲୋକ କ'ଣ ଅନୁଭବ କରିଥାଏ ?

(1) କ୍ଳାନ୍ତି (2) ଅବସାଦ (3) ପ୍ରଶାନ୍ତି (4) ସୌନ୍ଦର୍ଯ୍ୟ

**93.** କାହାର ପୂଜା ନକଲେ ବାସ୍ତବ ସୌନ୍ଦର୍ଯ୍ୟ ଦେଖାଦିଏ ନାହିଁ ?

(1) ପ୍ରେମର (2) ଈଶ୍ୱରଙ୍କର (3) ମହାପୁରୁଷଙ୍କର (4) ସାଧୁସନ୍ଥଙ୍କର

106. ଆନୁଷ୍ଠାନିକ ଲିଖନ ଅଧ୍ୟନରେ କେଉଁଟି ଆସୁନାହିଁ ?

(1) ଶୋକ ପ୍ରସ୍ତାବ (2) ବ୍ୟବସାୟିକ ପତ୍ର

(3) ପାଠ୍ୟଖସଡ଼ାଗତ ତଥ୍ୟ (4) ସମୀକ୍ଷା

107. ଭାଷା ଆହରଣ ଓ ଭାଷା ଶିକ୍ଷଣରେ ସହଜାତ ଅନୁକଳ୍ପନା କ'ଣ ?

(1) ସବୁଭାଷାର ବ୍ୟାକରଣ ରହିଛି ଏବଂ ସବୁପିଲା ନିଜନିଜ ବାଟରେ ଏହାକୁ ପଢ଼ିଥାନ୍ତି - ଏହି ଧାରଣାକୁ ପରିତ୍ୟାଗ କରିଥାଏ ।

(2) ସବୁ ମଣିଷ ଶାରୀରିକ ଅଭ୍ୟାସ ଓ ନିୟମ ଅନୁସାରେ ଭାଷା ଶିଖିପାରନ୍ତି - ଏହା ବିଶ୍ୱାସ କରିଥାଏ

(3) ଜନ୍ମକାଳରୁ ସବୁ ମଣିଷ ଭାଷାଜ୍ଞାନ ଲାଭ କରିଥାନ୍ତି - ଏହା ବିଶ୍ୱାସ କରିବା

(4) ଅଭ୍ୟାସ ବଳରେ ଭାଷା ଶିଖାଯାଇଥାଏ - ଏହା ବିଶ୍ୱାସ କରିବା

108. 'ବିଷୟ ଆଧାରିତ ଭାଷା ଇନ୍‌ପୁଟ୍' କାହାକୁ ବୁଝାଉଛି ?

(1) ଭାଷା କିପରି ବ୍ୟବହାର ହେବ ତାହା ଉପରେ ଲାଙ୍ଗୁଏଜ୍ ଇନ୍‌ପୁଟ କେନ୍ଦ୍ରିତ ହୋଇଥାଏ

(2) ଇନ୍‌ପୁଟ୍‌ର ଉପସ୍ଥାପନ ଓ ଏହାର ପ୍ରକ୍ରିୟା

(3) ଲାଙ୍ଗୁଏଜ୍ ଇନ୍‌ପୁଟ୍ ଯାହା ତଥ୍ୟ ଉପରେ କେନ୍ଦ୍ରିତ ହୋଇଥାଏ

(4) ଶବ୍ଦଜ୍ଞାନ, ଉଚ୍ଚାରଣ, ବ୍ୟାକରଣ ଇତ୍ୟାଦି

109. କେଉଁ ଭାଷା ଶିକ୍ଷଣ କୌଶଳ ଭାଷା ଶିକ୍ଷଣର ଭିତ୍ତି ଭାବେ ଶବ୍ଦ ଓ ଶବ୍ଦଖଣ୍ଡକୁ ସମର୍ଥନ କରେ ?

(1) କାର୍ଯ୍ୟ ଆଧାରିତ ଭାଷା ଶିକ୍ଷା (2) କଥୋପକଥନ କୌଶଳ

(3) ଶାବ୍ଦିକ କୌଶଳ (4) ବ୍ୟାକରଣ ଅନୁବାଦ ପଦ୍ଧତି

110. ବିଦ୍ୟାଳୟ ଶିକ୍ଷାରେ କେଉଁଟି ବହୁଭାଷିକତାର ଲକ୍ଷ୍ୟ ନୁହେଁ ?

(1) ବିଦ୍ୟାଳୟରେ ଶିକ୍ଷା-ଶିକ୍ଷଣ ପାଇଁ ବିଦ୍ୟାର୍ଥୀମାନଙ୍କ ଭାଷାର ବ୍ୟବହାର କରିବା

(2) ଯେତେଦୂର ସମ୍ଭବ, ଶିକ୍ଷଣର ମାଧ୍ୟମ ଓ ଏକ ଭାଷା ଭାବେ ମାତୃଭାଷାର ଶିକ୍ଷା

(3) ତ୍ରିଭାଷୀ ସୂତ୍ରରେ ମାତୃଭାଷା, ହିନ୍ଦୀ, ଓ ଇଂରାଜୀ ପଢ଼ିବା

(4) ସବୁପିଲା ମାତୃଭାଷାରେ ସ୍କୁଲପାଠ ପଢ଼ିଥାନ୍ତି ଏବଂ ପରେ ତା' ସହିତ ଅଧିକ (ଦୁଇରୁ ଅଧିକ) ଭାଷା ଯୋଡ଼ିଥାନ୍ତି

111. ଗୋଟିଏ ପାଠ୍ୟକୁ ମୋଟାମୋଟି ଭାବେ ଜାଣିବା ପାଇଁ ବାଣୀ ଗୋଟିଏ ପ୍ରବନ୍ଧ ପଢୁଛି । ଏହାକୁ କୁହାଯିବ -

(1) ଅନୁମାନ (2) ସ୍କାନିଙ୍ଗ (3) ସ୍କିମିଙ୍ଗ୍ (4) ସମାଲୋଚନାତ୍ମକ ପଠନ

112. ବିଦ୍ୟାଳୟ ସ୍ତରୀୟ ପରୀକ୍ଷାର ବିକାଶ ପାଇଁ ଦୁଇଟି ଯଥାର୍ଥ ବକ୍ତବ୍ୟ ଚିହ୍ନଟ କର ।

(a) ଏହା ଉଭୟ ଶିକ୍ଷାର୍ଥୀ ଓ ଶିକ୍ଷକଙ୍କ ମଧ୍ୟରେ ସ୍ୱାୟତ୍ତତାର ବିକାଶରେ ସାହାଯ୍ୟ କରିଥାଏ

(b) ନିଜ ଅନୁସାରେ ଯୋଜନା କରିବାକୁ ବିଦ୍ୟାଳୟକୁ ସ୍କୋପ୍ ଦେଇଥାଏ

(c) ଏହା ପରୀକ୍ଷା ବୋର୍ଡର କ୍ଷମତା ବିଷୟରେ ସଚେତନ ଥାଏ

(d) ମୂଲ୍ୟାୟନ ଯୋଜନାର ପ୍ରକ୍ରିୟାରେ ଏକ ସକ୍ରିୟ ଅଂଶୀଦାର ଭାବେ ଏହା ବିଦ୍ୟାର୍ଥୀଙ୍କୁ ଜଡ଼ିତ କରିନଥାଏ

(1) (a) ଓ (b) (2) (b) ଓ (c) (3) (c) ଓ (d) (4) (d) ଓ (a)

113. କେଉଁ ଶିକ୍ଷା ଆଦର୍ଶ ନିମ୍ନ ବକ୍ତବ୍ୟ ସପକ୍ଷରେ ଯୁକ୍ତି ବାଢ଼ିଥାଏ ?

ପୂର୍ବ ସ୍ଥିରୀକୃତ ଶିକ୍ଷାର କ୍ରମ ପରିବର୍ତ୍ତେ ଘଟଣା-ଆଧାରିତ ଶିକ୍ଷା କିମ୍ବା ବାସ୍ତବ-ବିଶ୍ୱ ପରିକଳ୍ପନା ଭଳି ଶିକ୍ଷଣ ପରିବେଶ ବ୍ୟବହାର କରାଯାଇଥାଏ ?

(1) ସ୍ଥାନୀୟତା ଭାବ (2) ସଂରଚନାବାଦ (3) ଶ୍ରବଣ ଭାଷାବାଦ (4) ବୋଧଜ୍ଞାନବାଦ

114. ଷଷ୍ଠ ଶ୍ରେଣୀର ବିଦ୍ୟାର୍ଥୀ ରାହୁଲ ନୂଆ ବ୍ୟାକରଣ ପଢ଼ିଲା ସମୟରେ ସେ ପୂର୍ବ ଜ୍ଞାନକୁ ଯୋଡ଼ିବାକୁ ସକ୍ଷମ ହୋଇଥାଏ । ଏହା କେଉଁ କୌଶଳରୁ ଆସିଛି ?

(1) ଅନ୍ୱେଷଣ ପ୍ରବଣତା କୌଶଳ (2) ବୋଧଜ୍ଞାନ କୌଶଳ

(3) ମେଟା କଗ୍ନିଟିଭ୍ କୌଶଳ (4) ଉଭୟ ବୋଧଜ୍ଞାନ ଓ ମେଟା କଗ୍ନିଟିଭ୍ କୌଶଳ

115. ସପ୍ତମ ଶ୍ରେଣୀରେ ପଢ଼ାଉଥିବା ଜଣେ ଶିକ୍ଷୟିତ୍ରୀ ସାତଧାଡ଼ିର ଏକ କ୍ଷୁଦ୍ର ପାଠକୁ ପଢ଼ନ୍ତି । ପରେ ନିଜ ବିଦ୍ୟାର୍ଥୀଙ୍କୁ ଯତ୍ନର ସହିତ ଶୁଣିବାକୁ କହନ୍ତି ଓ ଏହାର ପାଖାପାଖି ଏକ ପାଠ ପୁଣିଥରେ ତିଆରି କରିବାକୁ କହନ୍ତି । ଏହା ପୂର୍ବଭଳି ଠିକ୍ ଏକା ହୋଇନପାରେ । ଏହି କୌଶଳକୁ କ'ଣ କହନ୍ତି ?

(1) ସ୍କିମା କ୍ରିଏସନ (2) ଉର୍ଦ୍ଧ୍ୱ-ନିମ୍ନ କୌଶଳ (3) ତଳ-ଉପର କୌଶଳ (4) ଅନୁଚ୍ଛେଦ ଲିଖନ

116. ଶିକ୍ଷଣ ଫଳରେ ଉଦ୍ଦେଶ୍ୟ ପ୍ରତିପାଳନରେ କେଉଁଟି ଠିକ୍ ?

(a) ବିଷୟ ଦର୍ଶିତ ଶିକ୍ଷଣଠାରୁ ଦକ୍ଷତା-ଆଧାରିତ ଶିକ୍ଷଣକୁ ବିକଶିତ କରିଥାଏ

(b) ଭାଷାର ସର୍ଜନାତ୍ମକ ବ୍ୟବହାରକାରୀ ହେବାକୁ ବିଦ୍ୟାର୍ଥୀଙ୍କୁ ଭାଷା କୌଶଳରେ ପ୍ରଶିକ୍ଷଣ ହାସଲ କରିବାକୁ ସକ୍ଷମ କରିଥାଏ

(c) ବିଷୟ ଉପରେ ପ୍ରବୀଣତା ହାସଲ ଓ ପରେ ଏହାକୁ ବ୍ୟବହାର କରିବାକୁ ସକ୍ଷମ କରିଥାଏ

(d) ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ ଭାଷାର ବ୍ୟବହାର ଜାଣିବା ପାଇଁ ବିଦ୍ୟାର୍ଥୀଙ୍କୁ ପାରଙ୍ଗମ କରିଥାଏ

(1) (c) କେବଳ ଠିକ୍ (2) (b) ଓ (c) ଠିକ୍ (3) (d) ଓ (c) ଠିକ୍ (4) (a) ଓ (d) ଠିକ୍

Prepp
Your Personal Exams Guide

**117.** ବ୍ୟାକରଣ ଶିକ୍ଷା ପ୍ରସଙ୍ଗରେ 'ବ୍ୟାବହାରିକ ଜ୍ଞାନ' କୁ ନିମ୍ନର କେଉଁ ବକ୍ତବ୍ୟ ସର୍ବୋତ୍ତମ ଭାବେ ପ୍ରତିପାଦନ କରୁଛି ?

(1) ରୂପ ବିଷୟରେ ଜାଣିବା

(2) ବ୍ୟାକରଣଗତ ରୂପ ଓ ତାର ବ୍ୟବହାର ବିଷୟରେ ଜାଣିବା

(3) ବ୍ୟାକରଣ ନିୟମ ଜାଣିବା ଓ ପରେ ଏହାର ପୁନଃ ବ୍ୟବହାର କରିବା

(4) ବ୍ୟାକରଣର ରୂପ କେମିତି କାମ କରୁଛି ସେ ବିଷୟରେ ଗୋଟିଏ ବ୍ୟାକରଣ ବହିରୁ ବୁଝିବା

**118.** ଦୈନନ୍ଦିନ କାର୍ଯ୍ୟରେ ଇଂରାଜୀ ଭାଷା ବ୍ୟବହାର କରି କହିବା ଏବଂ ସୂତ୍ର ଶିଖିବା ମାଧ୍ୟମରେ, ଏକ ସରକାରୀ ହାଇସ୍କୁଲରେ ଇଂରାଜୀ ପଢ଼ାଉଥିବା ଶିକ୍ଷୟିତ୍ରୀ ଉଷାରାଣୀ ନିଜ ବିଦ୍ୟାର୍ଥୀଙ୍କୁ ସମର୍ଥନ କରିଥାନ୍ତି ।

ସେ ନିଜ ବିଦ୍ୟାର୍ଥୀଙ୍କ ଭିତରେ କ'ଣ ବଢ଼ାଇବାକୁ ଚେଷ୍ଟା କରନ୍ତି ?

(1) କଥୋପକଥନ କୌଶଳ

(2) ଆନ୍ତର୍ବ୍ୟକ୍ତିକ କୌଶଳ

(3) ବୋଧଜ୍ଞାନ ଶିକ୍ଷା ସମ୍ବନ୍ଧୀୟ ଭାଷା ଅନର୍ଗଳତା

(4) ମୌଳିକ ଆନ୍ତର୍ବ୍ୟକ୍ତିକ କଥୋପକଥନ କୌଶଳ

**119.** ଜଣେ ଶିକ୍ଷୟିତ୍ରୀ ଷଷ୍ଠଶ୍ରେଣୀରେ ବିଦ୍ୟାର୍ଥୀମାନଙ୍କର ଏକ ନିର୍ଦ୍ଦିଷ୍ଟ ପ୍ରକାର ଭୁଲ୍‌କୁ ସଂଗ୍ରହ କରନ୍ତି ଏବଂ ଭୁଲ ବିଷୟରେ ଅବଗତ କରାଇବା ପାଇଁ ସେ ମାସକୁ ଥରେ ବିଦ୍ୟାର୍ଥୀଙ୍କ ସହ ଆଲୋଚନା କରନ୍ତି । କିଏ ସବୁ ଭୁଲ କରୁଛନ୍ତି ତାହା ଜଣାନ୍ତି ନାହିଁ । ସେ ମଧ୍ୟ ବିଦ୍ୟାର୍ଥୀଙ୍କୁ ନିଜର ଭୁଲ ଦେଖାଇବାକୁ କହନ୍ତି । ଏହି ଅଭ୍ୟାସଟିକୁ କ'ଣ କୁହାଯାଏ ?

(1) ପଠନ ଓ ବ୍ୟାକରଣ ସହିତ ସଂପୃକ୍ତି
(2) ବ୍ୟାକରଣ ପଠନ
(3) ଫିଡ୍‌ବ୍ୟାକ୍ ଯୋଗାଣ
(4) ଅଶୁଦ୍ଧି ଚିହ୍ନଟ

**120.** ଆମେ ଶୁଣୁଥିବା କିମ୍ବା ଦେଖୁଥିବା ଶବ୍ଦକୁ ଚିହ୍ନିବାକୁ କୁହାଯାଏ

(1) ଶବ୍ଦ ସମ୍ଭାର ସମ୍ବନ୍ଧୀୟ ଜ୍ଞାନ
(2) ଉତ୍ପାଦନଶୀଳ ଶବ୍ଦଜ୍ଞାନ
(3) ଗ୍ରହଣଶୀଳ ଶବ୍ଦଜ୍ଞାନ
(4) ବ୍ୟାପୃତ ଶବ୍ଦଜ୍ଞାନ

Prepp
Your Personal Exams Guide

## PART-V
## LANGUAGE-II
## ODIA

| |
|---|
| ପରୀକ୍ଷାର୍ଥୀ **ଭାଷା-II** ଭାବରେ **ଓଡ଼ିଆ ଭାଷା** ବାଛିଥିଲେ **ଭାଗ-V** ରେ **(ପ୍ରଶ୍ନ ସଂଖ୍ୟା 121 - 150)** ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟାକରିବା ଉଚିତ୍ । |

ନିମ୍ନଲିଖିତ ଅନୁଚ୍ଛେଦ ପାଠକରି ପଶ୍ନସଂଖ୍ୟା **121-128** ର ଉତ୍ତର ଦିଅ ।

ପ୍ରକୃତିର ବୁଦ୍ଧି ନାହିଁ କି ପ୍ରକୃତି ରାଜ୍ୟରେ ମନୁଷ୍ୟ ବ୍ୟତୀତ ଆଉ କାହା ଭିତରେ ବୁଦ୍ଧି ନାହିଁ । ପ୍ରକୃତି ବୁଦ୍ଧି ଦ୍ୱାରା ନୁହେଁ, ନିୟମଙ୍କ ଦ୍ୱାରା ଚାଳିତ । ଯଦି କେହି ନିୟାମକ ଥାଆନ୍ତି; ତେବେ ସେ ଅସୀମ ବୁଦ୍ଧିର ଆଧାର; ସେ କଥା ଭିନ୍ନ । ପ୍ରକୃତିର ବୈଚିତ୍ର୍ୟ ଓ ରହସ୍ୟ ମଧ୍ୟ ଆଉ ଏକ ଭିନ୍ନ କଥା । ଗୋଟିଏ କମ୍ପ୍ୟୁଟର ଅଦ୍ଭୁତ କାମ ଦେଖାଇପାରେ ଯାହା ତୁଳନାରେ ମଣିଷର କର୍ମଦକ୍ଷତା ନଗଣ୍ୟ । ମାତ୍ର କମ୍ପ୍ୟୁଟରରେ ଯେପରି ପ୍ରୋଗ୍ରାମ ଖଞ୍ଜି ଦିଆଯାଇଥାଏ, ସେ ତଦନୁସାରେ କାମ କରେ । ସମୟେ ସମୟେ କମ୍ପ୍ୟୁଟରର କାର୍ଯ୍ୟ ସ୍ୱୟଂ ପ୍ରୋଗ୍ରାମକର୍ତ୍ତାଙ୍କୁ ବିସ୍ମିତ କରେ । ଏହାର କାରଣ ନୁହେଁ ଯେ କମ୍ପ୍ୟୁଟରର କିଛି ସ୍ୱାଧୀନତା ବା ବୁଦ୍ଧି ଅଛି । କାରଣ ହେଉଛି, କମ୍ପ୍ୟୁଟର କେତେ ବିଚକ୍ଷଣତାର ସହିତ କାମ କରିପାରିବ ସେ କଥା ପ୍ରୋଗ୍ରାମକର୍ତ୍ତା କଳନା କରିପାରି ନଥାଏ । ପ୍ରକୃତି ହୁଏତ ଏକ ବିରାଟ କମ୍ପ୍ୟୁଟର ଏବଂ ଜଣେ ମହାନ ବୁଦ୍ଧିମାନ ପ୍ରୋଗ୍ରାମକର୍ତ୍ତା, ପ୍ରୋଗ୍ରାମ ଖଞ୍ଜି ତାକୁ ଛାଡ଼ି ଦେଇଛନ୍ତି ।

କୁହାଯାଏ, ମଣିଷ ପ୍ରକୃତି ଉପରେ ଅନେକ ଅତ୍ୟାଚାର କରିଛି । ଏହି ଅତ୍ୟାଚାରର ପରିଣାମ ତାକୁ ଭୋଗିବାକୁ ହେବ । ଏକଥା ନିରାଟ ସତ ଯେ, ନିଜ ସ୍ୱାର୍ଥ ଦୃଷ୍ଟିରୁ ଏଣିକି ମଣିଷ ପ୍ରକୃତି ପ୍ରତି ଯତ୍ନଶୀଳ ହେବା ଜରୁରୀ ହୋଇପଡ଼ିଛି । ମଣିଷ ପ୍ରକୃତି ଉପରେ ଅତ୍ୟାଚାର କରିଛି ସତ, ମାତ୍ର ଅନ୍ୟ ଦିଗରୁ ଦେଖିଲେ ପ୍ରକୃତି ଯେ ମଣିଷ ପ୍ରତି ସଦୟ ହୋଇଛି ତା ନୁହେଁ । ମଣିଷ ଓ ପ୍ରକୃତି ମଧ୍ୟରେ ଗୋଟାଏ କେଉଁଠି ଶତ୍ରୁତା ରହିଛି । ଅସମ୍ଭବ କଥା, ମାଆ ପୁଅ ମଧ୍ୟରେ ଶତ୍ରୁତା କାହିଁକି ହେବ ? ମାଆ ଯଦି ତାର ସନ୍ତାନମାନଙ୍କ ମଧ୍ୟରେ ପାତରଅନ୍ତର କରେ, ତେବେ ଅନ୍ତର ହୋଇଥିବା ସନ୍ତାନ ମନରେ ଶତ୍ରୁତା ଭାବ ରହିଯିବା ସ୍ୱାଭାବିକ । ପ୍ରକୃତି ମଣିଷ ପ୍ରତି ବଡ଼ଧରଣର ପକ୍ଷପାତିତା କରିଛି । ପ୍ରଥମତଃ ଅନ୍ୟ ପ୍ରାଣୀଙ୍କ ତୁଳନାରେ ପ୍ରକୃତି ମଣିଷକୁ ଏତେ ବେଶି ରୋଗ ବ୍ୟାଧି କାହିଁକି ଦେଇଛି ? ପ୍ରଶ୍ନ ସରୁ ନ ସରୁଣୁ ଥୋକେ ମାଡ଼ି ବସିବେ ପ୍ରକୃତି ଠାରୁ ଦୂରେଇ ଆସି କୃତ୍ରିମ ଜୀବନ ବଞ୍ଚୁଥିବା ବିଜ୍ଞାନୋନ୍ମତ୍ତ ଆଧୁନିକ ମଣିଷକୁ ଠିକ୍ ଫଳ ମିଳିଛି ।

**121.** ପ୍ରକୃତି ଉପରେ କରାଯାଉଥିବା '__________' ର ପରିଣାମ ମଣିଷକୁ ହିଁ ଭୋଗିବାକୁ ପଡ଼ିବ ।

(1) ଅତ୍ୟାଚାର (2) ଅନାଚାର (3) ପାତରଅନ୍ତର (4) ଅବହେଳା

**122.** କମ୍ପ୍ୟୁଟରର କାମ ତୁଳନାରେ ମଣିଷର କେଉଁ ଶକ୍ତି ନଗଣ୍ୟ ?

(1) ଜ୍ଞାନ (2) ଶିକ୍ଷା (3) କର୍ମଦକ୍ଷତା (4) ବୁଦ୍ଧି

Prepp
Your Personal Exams Guide

**123.** ପ୍ରକୃତି କାହାଦ୍ୱାରା ପରିଚାଳିତ ?

(1) ବୁଦ୍ଧିଦ୍ୱାରା (2) ନିୟମଦ୍ୱାରା (3) ଈଶ୍ୱରଙ୍କ ଦ୍ୱାରା (4) ମଣିଷ ଦ୍ୱାରା

**124.** ବାସ୍ତବିକ ପ୍ରକୃତିର ନିୟାମକ କାହାର ଆଧାର ?

(1) ଅସୀମ ବୁଦ୍ଧିର (2) ଅସୀମ ସାହସର (3) ଅସୀମ ଆଶାର (4) ଅସୀମ ଧୈର୍ଯ୍ୟର

**125.** ମା' ପୁଅ ମଧ୍ୟରେ କେଉଁ ଜିନିଷ ଅସମ୍ଭବ ?

(1) କଳି (2) ଈର୍ଷା (3) ଶତ୍ରୁତା (4) ମନୋମାଳିନ୍ୟ

**126.** କମ୍ପ୍ୟୁଟରର କାର୍ଯ୍ୟ କାହାକୁ ବିସ୍ମିତ କରିଥାଏ ?

(1) କମ୍ପାନୀକୁ (2) ପ୍ରୋଗ୍ରାମକର୍ତ୍ତାକୁ (3) ଛାତ୍ରକୁ (4) ଶିକ୍ଷକକୁ

**127.** ନିଜ ସ୍ୱାର୍ଥ ଦୃଷ୍ଟିରୁ ପ୍ରକୃତି ପ୍ରତି ମଣିଷ କ'ଣ ହେବା ଜରୁରୀ ?

(1) ସମ୍ବେଦନଶୀଳ (2) ସଦୟ (3) ସହନଶୀଳ (4) ଯତ୍ନଶୀଳ

**128.** 'ପାତରଅନ୍ତର' - କେଉଁ ସମାସ ?

(1) ତତ୍ପୁରୁଷ (2) ଦ୍ୱନ୍ଦ୍ୱ (3) କର୍ମଧାରୟ (4) ଅବ୍ୟୟୀଭାବ

ନିମ୍ନଲିଖିତ ଅନୁଚ୍ଛେଦ ପାଠକରି ପ୍ରଶ୍ନସଂଖ୍ୟା **129-135** ର ଉତ୍ତର ଦିଅ ।

ହାର୍ଭାଡ ବିଶ୍ୱବିଦ୍ୟାଳୟର ମର୍ଯ୍ୟାଦା ସର୍ବଜନସ୍ୱୀକୃତ । ବୋଷ୍ଟନ ସହରର ଚାର୍ଲସ୍ ନଦୀକୂଳରେ ବହୁ ବୃକ୍ଷ ଶୋଭିତ ନାଲିରଙ୍ଗର ସୌଧାବଳି ହେଉଛି ହାର୍ଭାଡର ପରିସର । ହାର୍ଭାଡ୍ ଛକରେ ବହି ଦୋକାନ ସବୁ ଅଛି । ବିଦ୍ୟାଚର୍ଚ୍ଚାର ପ୍ରାଚୀନ ଓ ପ୍ରଧାନ କ୍ଷେତ୍ର ହେଉଛି ହାର୍ଭାଡ । ଇଲିଏନ୍ ବିଶ୍ୱବିଦ୍ୟାଳୟ ବହୁବିଭାଗ ସମନ୍ୱିତ ଜ୍ଞାନବିଜ୍ଞାନ ପରୀକ୍ଷଣର ଏକ ସାଧାନାଳୟ । ବିଶ୍ୱବିଦ୍ୟାଳୟର ମାର୍ଗଗୁଡ଼ିକ ବୃକ୍ଷମାନଙ୍କ ଦ୍ୱାରା ଶୋଭିତ, ପରିବେଶ ଶାନ୍ତି ଶୋଭନ୍ ଓ ହୃଦୟହାରୀ । ବିଦ୍ୟାଳୟର ଗ୍ରନ୍ଥାଗାରରେ ଲକ୍ଷ ଲକ୍ଷ ଗ୍ରନ୍ଥମାନଙ୍କ ଦ୍ୱାରା ଘରସବୁ ଭରପୂର; ମଣିଷର ସଞ୍ଚିତ ଏହି ଜ୍ଞାନଭଣ୍ଡାର-ମହୁମାଛିମାନେ ମହୁ ସଞ୍ଚିଲା ମଧୁଚକ୍ର ପରି । ମହୁମାଛିମାନେ କାଳ ସ୍ରୋତରେ ଅନ୍ତର୍ହିତ ହୋଇଯାଇଛନ୍ତି, କେବଳ ମହୁଫେଣାମାନ ଗଛଡାଳରୁ ଲମ୍ବି ରହିଛି । ବିଶ୍ୱବିଦ୍ୟାଳୟର ଗ୍ରନ୍ଥାଗାରକୁ ଦେଖିଲେ ଏହି ବୋଧ ଜାତ ହୁଏ । ପଚାରିବା ମାତ୍ରକେ କମ୍ପ୍ୟୁଟର ବହିମାନଙ୍କ ବିଷୟରେ

ଉତ୍ତର ଲେଖିଦିଏ । ଏକ ନିର୍ଦ୍ଦିଷ୍ଟ ପୁସ୍ତକ ଯୁକ୍ତରାଷ୍ଟ୍ରର କେଉଁ ଗ୍ରନ୍ଥାଗାରରେ ମିଳିବ ତାହା ପଚାରିଲେ କମ୍ପ୍ୟୁଟର ଅବିଳମ୍ବେ ତାହାର ଉତ୍ତର ଦିଏ । ବିଭାଗମାନଙ୍କରେ ମଧ୍ୟ କମ୍ପ୍ୟୁଟରର ଉପଯୋଗ କରାଯାଉଛି । ଶରୀର ମଧ୍ୟରେ ମନୁଷ୍ୟର ମସ୍ତିଷ୍କ ଓ ଶରୀର ବାହାରେ କମ୍ପ୍ୟୁଟର ମିଳିତ ଭାବରେ ତଥ୍ୟ ଅନ୍ୱେଷଣରେ ସହାୟତା କରୁଅଛି । ପ୍ରତ୍ୟେକ ବିଭାଗରେ ସ୍ୱତନ୍ତ୍ର ଗ୍ରନ୍ଥାଗାରମାନ ବିଦ୍ୟାର୍ଥୀ ଓ ଜିଜ୍ଞାସୁମାନଙ୍କ ପାଇଁ ଉନ୍ମୁକ୍ତ କରାଯାଇଅଛି । ଅଧ୍ୟୟନ ଲାଗି ଅପୂର୍ବ ସୁଯୋଗ ଓ ପରିବେଶ ସୃଷ୍ଟି କରାଯାଇଛି । ପ୍ରତ୍ୟେକ ପ୍ରକୋଷ୍ଠକୁ ପୂର୍ଣ୍ଣ ବାତାନୁକୂଳିତ କରାଯାଇଛି । ପରିଷ୍କାର ପରିଚ୍ଛନ୍ନତାକୁ ଅଗ୍ରାଧିକାର ଦିଆଯାଇଛି ।

**129.** ବିଶ୍ୱବିଦ୍ୟାଳୟର ରାସ୍ତାଗୁଡ଼ିକ ଦେଖିବାକୁ କିପରି ?

(1) ପକ୍କା ଓ ଚିକ୍କଣ (2) ବେଶ୍ ପ୍ରଶସ୍ତ (3) ବୃକ୍ଷଦ୍ୱାରା ଶୋଭିତ (4) ପରିଷ୍କାର ଓ ପରିଚ୍ଛନ୍ନ

**130.** 'ସୌଧାବଳୀ' - ର ଅର୍ଥ କ'ଣ ?

(1) କୋଠାସମୂହ (2) ବୃକ୍ଷରାଜି (3) ପୁସ୍ତକରାଜି (4) ଉଦ୍ୟାନରାଜି

**131.** ବୋଷ୍ଟନ ସହର କେଉଁ ନଦୀକୂଳରେ ଅବସ୍ଥିତ ?

(1) ରାଇନ୍ (2) ଆମାଜନ୍ (3) ଟେମ୍‌ସ (4) ଚାର୍ଲସ୍

**132.** କେଉଁ ବିଶ୍ୱବିଦ୍ୟାଳୟର ମାନ ବହୁ ଉଚ୍ଚରେ ରହିଛି ?

(1) କାଲିଫର୍ଣ୍ଣିଆ (2) ହାର୍ଭାଡ (3) ଇଲିନଏ (4) ଚିକାଗୋ

**133.** ଶରୀର ବାହାରେ କିଏ ତଥ୍ୟ ଅନୁସନ୍ଧାନରେ ସାହାଯ୍ୟ କରୁଛି ?

(1) ଶିକ୍ଷକ (2) କମ୍ପ୍ୟୁଟର (3) ବହିଦୋକାନ (4) ଗ୍ରନ୍ଥାଗାର

**134.** ଲେଖକ ବିଶ୍ୱବିଦ୍ୟାଳୟର ସଂଚିତ ବହିକୁ କାହା ସହିତ ତୁଳନା କରିଛନ୍ତି ?

(1) ମହୁଫେଣା ସହିତ (2) ଶିକ୍ଷକଙ୍କ ସହିତ (3) ମହୁ ସହିତ (4) ଛାତ୍ରମାନଙ୍କ ସହିତ

**135.** କେଉଁଠାରେ ପଚାରିବା ମାତ୍ରକେ ବହି ବିଷୟରେ ସମ୍ପୂର୍ଣ୍ଣ ତଥ୍ୟ କମ୍ପ୍ୟୁଟର ଦେଇଦିଏ ?

(1) ଜେନେରାଲ ଲାଇବ୍ରେରୀ (2) ପବ୍ଲିକ୍ ଲାଇବ୍ରେରୀ

(3) ବିଶ୍ୱବିଦ୍ୟାଳୟ ଲାଇବ୍ରେରୀ (4) ସିଟି ଲାଇବ୍ରେରୀ

**136.** ଅଷ୍ଟମ ଶ୍ରେଣୀର ବିଦ୍ୟାର୍ଥୀମାନଙ୍କୁ ଜଣେ ଶିକ୍ଷକ ନିମ୍ନ କାର୍ଯ୍ୟ ଦେଇଛନ୍ତି । ଏହି ଲିଖନକୁ କି ପ୍ରକାର ବ୍ୟାଖ୍ୟା କରାଯାଇପାରିବ ?

ଯୋଡ଼ି ଭାବରେ, ମସ୍ତିଷ୍କ ମନ୍ଥନ, ଭାବନାକୁ ଶୀଘ୍ର ଲେଖିବା ଏବଂ ଏକ ଭଲ ଆଲେଖ୍ୟରେ ତାକୁ ବିକଶିତ କରିବା, ଦୁଇଟି ଯୁକ୍ତି ବିଷୟ ସପକ୍ଷରେ ଓ ଦୁଇଟି ବିପକ୍ଷରେ ଦେବା, ବିଦ୍ୟାର୍ଥୀମାନେ ଆଉ ଛପା ବହି ଦରକାର କରୁନାହାନ୍ତି ।

(1) ବ୍ୟକ୍ତିଗତ ଲିଖନ (2) ପ୍ରକଶନକ୍ଷମ ଲିଖନ (3) ଅପ୍ରାସଙ୍ଗିକ ଲିଖନ (4) ବ୍ୟାଖ୍ୟାତ୍ମକ ଲିଖନ

**137.** ଭାଷା ଶିକ୍ଷା ଓ ଭାଷା ଆହରଣ ସହଜାତ ଅନୁକଳ୍ପନାର କେଉଁଟି ସତ୍ୟ ?

(1) ଭାଷା ଆହରଣ ପାଇଁ ପିତାମାତା, ସହପାଠୀ, ପିଲାର ନିକଟତର ବ୍ୟକ୍ତି ସହିତ ପରିବେଶ ହିଁ ଦାୟୀ

(2) କେବଳ ମାନବ ପାଇଁ ଭାଷା ଅନନ୍ୟ ଓ କେବଳ ମଣିଷ ହିଁ ଭାଷା କହିପାରେ

(3) କଷ୍ଟକର ଅଭ୍ୟାସ ଓ ଡ୍ରିଲିଙ୍ଗ ମାଧ୍ୟମରେ ଭାଷାକୁ ବୁଝିବା ପାଇଁ ଭାଷା ଶିକ୍ଷକ ପିଲାମାନଙ୍କୁ ତିଆରି କରିଥାଏ

(4) ପିଲାଙ୍କ ଭିତରେ ଭାଷା ଆହରଣ ସୃଷ୍ଟି ପାଇଁ ଭାଷା ଶିକ୍ଷକଙ୍କ ଅବଦାନ ହିଁ ଉତ୍ତରଦାୟୀ ହୋଇଥାଏ

**138.** ଏଥିରୁ କେଉଁଟି ନିମ୍ନ-ଉର୍ଦ୍ଧ୍ୱ ଶ୍ରବଣ କାର୍ଯ୍ୟକୁ ବୁଝାଉଛି ?

(1) ଶ୍ରୁତ ଲିଖନ, ଅନ୍ତରଙ୍ଗ ଶ୍ରବଣ, ବହୁପସନ୍ଦଭିତ୍ତିକ ପ୍ରଶ୍ନର ବ୍ୟବହାର, ଅସ୍ତିବାଚକ ଓ ନାସ୍ତିବାଚକ ବକ୍ତବ୍ୟର ଚିହ୍ନଟ

(2) ସାରାଂଶୀକରଣ, ପୂରା ବିଷୟ ଶୁଣିବା ଓ ପଶ୍ଚାତଜ୍ଞାନର ବ୍ୟବହାର

(3) ଜଣେ ଯେମିତି ଶୁଣିଛି ସେମିତି ଗୋଳିଆମିଶା ଶବ୍ଦକୁ ବାକ୍ୟରେ ପୁନଃ ଉପସ୍ଥାପନ କରିବା

(4) କବିତା ଆବୃତ୍ତି, ପୂର୍ବ ପ୍ରସ୍ତୁତିହୀନ ଭାଷଣ, ତର୍କ ଓ ଆଲୋଚନା ଆଦି କାର୍ଯ୍ୟ

**139.** ଭାଷା ଶିକ୍ଷାରେ 'ସାମଗ୍ରୀର ଶିକ୍ଷଣ କୌଶଳ ଅନୁଭୂତି' ଅର୍ଥ କ'ଣ ?

(1) ଭାଷା ଶିକ୍ଷଣ କୌଶଳରେ ଉନ୍ନତି ଆଣିବାକୁ କାର୍ଯ୍ୟ ଓ କାରଣକୁ ଯୋଡ଼ିବା

(2) ଭାଷା କୌଶଳ ଗ୍ରହଣ କରିବାକୁ ଶିକ୍ଷକଙ୍କୁ ସମର୍ଥ କରିବାକୁ ସାମଗ୍ରୀ ସହିତ ଭାଷା କୌଶଳକୁ ଯୋଡ଼ିବା

(3) ଶ୍ରେଣୀ କକ୍ଷରେ ଭାଷା କୌଶଳ ବୁଝାଇବାରେ ଶିକ୍ଷକଙ୍କୁ ସକ୍ଷମ କରିବା

(4) ଶ୍ରେଣୀ କକ୍ଷର ବ୍ୟବହାର ପାଇଁ ବିଭିନ୍ନ ପ୍ରକାରର ଭାଷିକ କୌଶଳର ତାଲିକା କରିବା

Prepp
Your Personal Exams Guide

**140.** ବିଦ୍ୟାଳୟରେ ସବୁ ପିଲା ମାତୃଭାଷାରେ ସେମାନଙ୍କ ଶିକ୍ଷା ଆରମ୍ଭ କରିଥାନ୍ତି ଏବଂ ସ୍କୁଲରେ ପଢ଼ିଲା ବେଳେ ତା' ସହିତ ଅନେକ ଭାଷା ପରେ ଯୋଡ଼ିଥାନ୍ତି । ଭାଷା ଶିକ୍ଷାନୀତି ଭାବେ କେଉଁଟିକୁ ଗଣାଯାଇପାରିବ ?

(1) ସଂସ୍କୃତି ଆଧାରିତ ଭାଷା-ଶିକ୍ଷା-ନୀତି

(2) ବିଦ୍ୟାଳୟ ଶିକ୍ଷା ପାଇଁ ତ୍ରିଭାଷୀ ସୂତ୍ର

(3) ଭାଷା ଶିକ୍ଷାର ଭିତ୍ତି ଭାବେ ମାନ୍ୟ

(4) ମାତୃଭାଷା-ଆଧାରିତ ବହୁଭାଷିକତା

**141.** କିଛି ତଥ୍ୟ ପାଇଁ ସନ୍ଧ୍ୟା ମେସିନ୍ ଲର୍ଣ୍ଣିଙ୍ଗ ଆଧାରିତ ଏକ ପ୍ରବନ୍ଧ ପଢୁଛି । ତାର ଏହି ପଠନକୁ କ'ଣ କୁହାଯିବ ?

(1) କଟାକ୍ଷପାତ (2) ସମୀକ୍ଷା (3) ସ୍କିମିଙ୍ଗ (4) ସ୍କାନିଙ୍ଗ

**142.** ନିମ୍ନ କାର୍ଯ୍ୟଟିକୁ କିଭଳି ଚିହ୍ନିତ କରାଯିବ ?

ଏକ କ୍ଷୁଦ୍ର ପାଠକୁ ଦୁଇଟି ଭିନ୍ନ ଭିନ୍ନ ଖଣ୍ଡରେ ବିଭକ୍ତ କରାଯାଇଛି କିମ୍ବା ବଦଳ ବାକ୍ୟ ଗୋଟିକୁ ଯୋଡ଼ିକୁ ଦିଆଯାଇଛି ଏବଂ ପ୍ରତ୍ୟେକ ଶିକ୍ଷାର୍ଥୀ ଅନ୍ୟଜଣକୁ ଡାକୁଛି ଓ ଅନ୍ୟଜଣକ ଲେଖୁଛି । ଏହି କାର୍ଯ୍ୟକୁ ମଧ ଦୁହିଁଙ୍କ ମଧ୍ୟରେ ଅଦଳବଦଳ କରାଯାଇଛି । ପରେ ସେମାନେ ପୂରା ପାଠକୁ ସାରିବା ପାଇଁ ମିଳିତ ଭାବେ କାମ କରିପାରନ୍ତି ।

(1) ଲିପ୍ୟନ୍ତକରଣ (2) ଅନୁଚ୍ଛେଦ ଲିଖନ (3) ପାରସ୍ପରିକ ଲିଖନ (4) ବ୍ୟାକରଣ ଲିଖନ

**143.** 'ଅର୍ଥର ଅନ୍ୱେଷଣ ପାଇଁ ଶିକ୍ଷା । ତେଣୁ, ଶିକ୍ଷାର୍ଥୀ ଚତୁପାର୍ଶ୍ୱରେ ବିଭିନ୍ନ ଘଟଣାର ଅର୍ଥ ବୁଝିବାକୁ ଯେପରି ସକ୍ରିୟ ଭାବେ ଚେଷ୍ଟିତ ଥାଆନ୍ତି ସେହିସବୁ ପ୍ରସଙ୍ଗରୁ ଶିକ୍ଷା ଆରମ୍ଭ ହେବା ଉଚିତ' ।

କେଉଁ ଶିକ୍ଷାନୀତି ଉପରୋକ୍ତ ବକ୍ତବ୍ୟକୁ ବୁଝାଉଛି ?

(1) ବ୍ୟାବହାରିକ ଭାବ (2) ନିର୍ମାଣବାଦ (3) ବହୁବିଧ ଧୀଶକ୍ତି (4) ସଂରଚନାବାଦ

**144.** 'ରୂପ ଆଧାରିତ ଭାଷା ଇନପୁଟ୍' କ'ଣ କହିଥାଏ ?

(1) ଭାଷା ଶିକ୍ଷା ପାଇଁ ଇନପୁଟ୍‌ର ଅର୍ଥ

(2) ଶବ୍ଦ, ଉଚ୍ଚାରଣ ଓ ବ୍ୟାକରଣର ବ୍ୟବହାର

(3) ଇନପୁଟ୍ ଯାହା ତଥ୍ୟ ଉପରେ ଦୃଷ୍ଟିପାତ କରିଥାଏ

(4) ଲିଖନକୁ ଜାଣିବା ପାଇଁ ଇନପୁଟ୍ ଅନ୍ତର୍ନିହିତ ଶକ୍ତି

Prepp
Your Personal Exams Guide

**145.** 'ଶିକ୍ଷା ପାଇଁ ମୂଲ୍ୟାୟନ' କେଉଁଟିକୁ ବୁଝାଉଛି ?

(1) ଶିକ୍ଷା-ଶିକ୍ଷଣ ଧାରାରେ ଉନ୍ନତି ପାଇଁ ଶିକ୍ଷାର୍ଥୀଙ୍କୁ ମନିଟର ସହିତ ସେମାନଙ୍କ ବିକାଶ ପାଇଁ ମୂଲ୍ୟାୟନ ଡିଜାଇନ କରାଯାଇଥାଏ

(2) ବର୍ଷ ଶେଷରେ ଶିକ୍ଷାର୍ଥୀର ଉନ୍ନତି ଜାଣିବା ପାଇଁ ଏବଂ ସେମାନଙ୍କ ପ୍ରମୋସନ ବିଚାର ପାଇଁ ମୂଲ୍ୟାୟନର ଡିଜାଇନ କରାଯାଇଥାଏ

(3) ଏକ ନିର୍ଦ୍ଦିଷ୍ଟ ସ୍ତରରେ ରାଜ୍ୟ ଶିକ୍ଷାର୍ଥୀଙ୍କ ଉନ୍ନତି ପରଖିବା ପାଇଁ ମୂଲ୍ୟାୟନ କରାଯାଇଥାଏ

(4) ପ୍ରତିଟି ଟର୍ମ ଶେଷରେ ଶିକ୍ଷାର୍ଥୀଙ୍କୁ ପରଖିବା ପାଇଁ ମୂଲ୍ୟାୟନରେ ଡିଜାଇନ କରାଯାଇଥାଏ

**146.** ଉତ୍ପାଦନକ୍ଷମ ଶବ୍ଦଜ୍ଞାନ କ'ଣ ?

(1) ଶବ୍ଦ ଯାହାକୁ ଆମେ ଲିଖନ ଓ କଥନରେ ବ୍ୟବହାର କରୁ

(2) ଶବ୍ଦ ଯାହାକୁ ଆମେ ଯେପରି ଶୁଣୁ ସେମିତି ଚିହ୍ନିଥାଉ

(3) ଶବ୍ଦ ଯାହାକୁ ଆମେ ଚିହ୍ନିବାରେ ଭୁଲ କରୁ

(4) ଶବ୍ଦ ଯାହାକୁ ଆମେ ଅନେକ ସମୟରେ ମନେପକାଉ ଯେତେବେଳେ ଶୁଣୁ

**147.** କବିତା ଶିକ୍ଷା-ଶିକ୍ଷଣ ପାଇଁ ନିମ୍ନରୁ କେଉଁଟିକୁ ତୁମେ ଅନୁମୋଦନ କରୁନାହଁ ?

(1) କବିତା ହେଉଛି ବିଦ୍ୟାର୍ଥୀର ପରିକଳ୍ପନାକୁ ସାବ୍ୟସ୍ତ କରିବା ପାଇଁ

(2) କବିତା ହେଉଛି ଭାଷା ସହିତ କାମ କରିବା ପାଇଁ

(3) କବିତା ହେଉଛି ଆନନ୍ଦ ପାଇଁ

(4) କବିତା ହେଉଛି ବ୍ୟାକରଣ ଶିକ୍ଷା ଦେବା ପାଇଁ

**148.** ଶିକ୍ଷକ କ୍ଲାସରୁମ୍‌ରେ ବିଭିନ୍ନ ବିଷୟର ଭାଷା ବ୍ୟବହାର କରି ଶିକ୍ଷାର୍ଥୀଙ୍କ ସହିତ ଭାବ ବିନିମୟ କରିଥାନ୍ତି । ଏହି ଭାଷା କୌଶଳକୁ କ'ଣ କୁହାଯାଏ ?

(1) ମୌଳିକ ଆନ୍ତର୍ବ୍ୟକ୍ତିକ କଥୋପକଥନ କୌଶଳ

(2) ବାସ୍ତବ-ଜୀବନ ଉପଯୋଗ ପାଇଁ ଭାଷା

(3) ଭାଷା ରେଜିଷ୍ଟର

(4) ବୋଧଜ୍ଞାନ ଶିକ୍ଷା ସମ୍ବନ୍ଧୀୟ ଭାଷା ଅନର୍ଗଳତା

